ପେୟ ଜ୍ଞେୟ
ପରିବେଶ

ସୃଜନିକା ଚିନ୍ତାଧାରା

ସବୁ ବୟସର ଓ ଶ୍ରେଣୀର ଲୋକମାନଙ୍କ ଭିତରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବିକାଶ ସୃଜନିକାର ଲକ୍ଷ୍ୟ । ବିଚାର କରିବା, ପ୍ରଶ୍ନ ଉଠାଇବା, ଆତ୍ମସମୀକ୍ଷା ଆଦି ଏହି ଦୃଷ୍ଟିକୋଣର ପରିଚାୟକ । ପିଲାଦିନରୁ ଏଗୁଡ଼ିକର ବିକାଶ କରାଯାଇ ପାରିଲେ ଦେଶ ଓ ସମାଜର ଉନ୍ନତି ଆପେ ଆପେ ହୋଇପାରିବ । ତେଣୁ ପ୍ରଥମ ଅବସ୍ଥାରେ ସୃଜନିକାର କାର୍ଯ୍ୟକ୍ରମଗୁଡ଼ିକ ପିଲାଙ୍କ ପାଇଁ ଏବଂ ପିଲାଙ୍କ ମାଧ୍ୟମରେ ଶିକ୍ଷକ/ ଅଭିଭାବକ/ଜନସାଧାରଣଙ୍କ ପାଇଁ କରାଯାଉଛି । ଏସବୁ ଦ୍ୱାରା କ୍ରମେ ସ୍କୁଲ ଓ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକୀୟ ପରିବର୍ତ୍ତନ ଆସିପାରିବ ବୋଲି ଆମର ଆଶା ।

ଏହି ଚିନ୍ତାଧାରାକୁ ବାସ୍ତବ ରୂପ ଦେବା ପାଇଁ ଆମର ବିଭିନ୍ନ ପରୀକ୍ଷା ଭିତରେ ରହିଛି ବିଜ୍ଞାନ କରଙ୍ଗ ପତ୍ରିକା ଓ ଅନ୍ୟ ବହି ପ୍ରକାଶନ, ଶିକ୍ଷକ କର୍ମଶାଳା, ବିଜ୍ଞାନ ମେଳା, ବିଜ୍ଞାନ ଖେଳନା ବିତରଣ ଆଦି । ଆମର ମଡେଲଗୁଡ଼ିକ ତାଲା ପଡ଼ି ରହୁଥିବା କିଛି ଜଟିଳ ଓ ଦାମିକା ଜିନିଷ ନୁହେଁ । ଏଗୁଡ଼ିକ ସହଜରେ ଓ ଶସ୍ତାରେ ହୋଇପାରୁଥିବା ଜିନିଷ ଯାହାକୁ କେହି ହାତରେ ନେବାକୁ ଡରିବେନାହିଁ । ବିଜ୍ଞାନର ଯେକୌଣସି ତଥ୍ୟକୁ ବୁଝାଇ ପାରୁଥିବା ଜିନିଷଟିଏ ଆମ ପାଇଁ ପାଠ୍ୟୋପକରଣ ନୁହେଁ - ଏହା ଏକ ଖେଳନା । ନିଜ ହାତେ ଗଢ଼ିବା-ଖେଳି ଖେଳି ଶିଖିବା - ଭଲ ଭାବେ ବୁଝିବା ହେଉଛି ଆମର ଜୀବନ ଦର୍ଶନ ।

Digitized by srujanika@gmail.com

ପଦେ ଛନ୍ଦେ ପରିବେଶ

ମାନସୀ ଗୋସ୍ୱାମୀ

ସୃଜନିକା
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର ୭୫୧୦୩୦
ଦୂରଭାଷ: ୨୩୫୦୬୬୪

Digitized by srujanika@gmail.com

ପଦେ ଛନ୍ଦେ ପରିବେଶ

ରଚନା
ଡକ୍ଟର ଶ୍ରୀମତୀ ମାନସୀ ଗୋସ୍ୱାମୀ

ସମ୍ପାଦନା, ଉପସ୍ଥାପନା ଓ ପ୍ରକାଶନ
ସୃଜନିକା
ଜାଗମରା, ଡାକ: ଖଣ୍ଡଗିରି
ଭୁବନେଶ୍ୱର ୭୫୧ ୦୩୦

ମୁଦ୍ରଣ
ଶୋଭନ
୧୦୬ ଆଚାର୍ଯ୍ୟ ବିହାର
ଭୁବନେଶ୍ୱର ୭୫୧୦୧୩
ଫୋନ - ୨୫୪୩୪୨୫

ପ୍ରଥମ ସଂସ୍କରଣ: ମେ ୨୦୦୪

ମୂଲ୍ୟ: ଟ ୧୫.୦୦ (ପନ୍ଦର ଟଙ୍କା)

Pade Chhande Paribesa

(Environment Rhymes)

Composition:
Dr. Mrs. Manasi Goswami

Editing, Presentation & Publication:
SRUJANIKA
Jagamara, P.O. Khandagiri
Bhubaneswar 751 030

Printing
SHOVAN
106 Acharya Bihar,
Bhubaneswar 751013
Tel: 2543425

First Edition: May 2004

Price: **Rs.15.00** (Fifteen Rupees)

Digitized by srujanika@gmail.com

ଆମ ଆଶା

ମଣିଷ ତା'ର ସବୁ ପ୍ରକାରର କାମ ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରେରଣା ଓ ସହାୟତା ପାଇଥାଏ ପ୍ରକୃତି ଠାରୁ । ସାଧାରଣ ଭାବରେ ବଞ୍ଚିବାର ନ୍ୟୁନତମ ଚାହିଦା – ଖାଦ୍ୟ, ବସ୍ତ୍ର ଓ ଆବାସ – ପାଇଁ ସେ ପ୍ରକୃତି ଉପରେ ହିଁ ନିର୍ଭର କରେ । ତା'ର ଜୀବନକୁ ଉନ୍ନତ କରୁଥିବା ବିଭିନ୍ନ କାରିଗରୀ କୌଶଳର ଧାରଣା ଓ ସେସବୁର ସଫଳ ପ୍ରୟୋଗ ପାଇଁ ପ୍ରେରଣା ମଧ୍ୟ ସେ ପାଇଛି ସେହି ପ୍ରକୃତି ଠାରୁ । ଆକାଶରେ ଉଡ଼ିବା, ସମୁଦ୍ର ତଳେ ବୁଡ଼ିବା ବା କେତେ କେତେ ଶକ୍ତ ଆକୃତି ଗଢ଼ିବା – ସେ ସବୁର ଜ୍ଞାନ ପାଇଁ ମଣିଷ ପ୍ରକୃତି ପାଖରେ ହିଁ ଋଣୀ । ଆହୁରି ବଡ଼ କଥା ହେଉଛି, ନିଜର ସବୁ କଳ୍ପନା–ପରିଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ସବୁ ପ୍ରକାରର ସମ୍ବଳ ମଧ୍ୟ ମଣିଷ ପାଉଛି ପ୍ରକୃତିର ଅନନ୍ୟ ଗନ୍ତାଘରରୁ ।

କିନ୍ତୁ ଏତିକିରେ କଥା ସରିନାହିଁ । ମଣିଷ ଜୀବନକୁ ସରସ ସୁନ୍ଦର କରୁଥିବା ସୂକ୍ଷ୍ମ ଲଳିତ ମାନସିକ ସୃଜନ ସବୁ ପାଇଁ ପ୍ରକୃତି ତାକୁ କେବଳ ପ୍ରେରଣା ଦେଉ ନାହିଁ, ଏକ ଉପାଦେୟ ପରିବେଶ ମଧ୍ୟ ଯୋଗାଇ ଆସିଛି । ଆଉ ମଣିଷ ମଧ୍ୟ ସେଥିପାଇଁ ପ୍ରକୃତି ପାଖରେ ଚିରକୃତଜ୍ଞ ରହିଛି ଏବଂ ଯୁଗ ଯୁଗ ଧରି ତା'ର ଛନ୍ଦରେ କାବ୍ୟରେ ସେହି କୃତଜ୍ଞତାର ଛାପ ଫୁଟି ଉଠିଛି ।

Digitized by srujanika@gmail.com

ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି । ସମୟ ସହିତ ମଣିଷ ଜୀବନରେ ଅନେକ 'ଉନ୍ନତି' ଆସିଛି । କିନ୍ତୁ ସେ ପ୍ରକୃତି ଠାରୁ ଦୂରେଇ ଚାଲିଛି, ପ୍ରକୃତି ପ୍ରତି ତା'ର ଆଦର ଦରଦ ମରି ଯାଇଛି । ଫଳରେ ସେ ଅବହେଳିତ ଲୁଣ୍ଠିତ ପ୍ରକୃତି ଆଜି ରୁଗ୍ଣ ହୋଇପଡ଼ିଛି । ମଣିଷ ଜୀବନକୁ ବାଟ କଢ଼ାଉଥିବା କାଲିର ପ୍ରକୃତି ଆଜି ନିଜର ସୁରକ୍ଷା ପାଇଁ ମଣିଷକୁ ଚାହୁଁଛି ।

ଖୁସୀର କଥା, ସବୁ ମଣିଷ ପ୍ରକୃତିକୁ ଭୁଲି ନାହାନ୍ତି, ସମସ୍ତେ ପ୍ରକୃତିହନ୍ତା ସାଜି ନାହାନ୍ତି । ଅଳ୍ପ ସଂଖ୍ୟାର ହେଲେ ବି ସେହି ପ୍ରକୃତିପ୍ରେମୀ ମଣିଷ ଦଳ ପ୍ରକୃତିକୁ ସରସ ସୁନ୍ଦର କରି ରଖିବାକୁ ବାଟ ଖୋଜୁଛନ୍ତି । ସେହି କାମରେ ହାତ ମିଳାଇବାକୁ ସମସ୍ତଙ୍କୁ ଡାକ ଦେଉଛନ୍ତି । ପ୍ରକୃତି ଚିନ୍ତାରେ ବୁଡ଼ି ରହିଥିବା ତାଙ୍କ ମନରେ ସୁଖଦୁଃଖର ଗୁଞ୍ଜନ ଉଠିବାଲିଛି । ପ୍ରକୃତିର ଦୁଃଖରେ କେବେ ସେ ବିଗଳିତ, ପ୍ରକୃତିର ସୁରକ୍ଷା ପାଇଁ ଆହ୍ୱାନରେ କେବେ ସେ ଆଲୋଡ଼ିତ ।

ସେହି ସବୁ ଗୁଞ୍ଜନରୁ କିଛି ଏହି ପୁସ୍ତିକାର ବିଷୟ । ଅନ୍ୟଙ୍କ ମନରେ ପ୍ରକୃତି ପ୍ରତି ଦରଦ ଆଣିବା ଏବଂ ପ୍ରକୃତିର ଯତ୍ନ ନେବା ପାଇଁ ଉତ୍ସାହ ଭରିବାର ଆଶା ନେଇ ଏହା ପାଠକ ପାଠିକାଙ୍କ ପାଖରେ ପହଞ୍ଚୁଛି । ତାହାକୁ ନିରାଶ ନକରିବା ପାଇଁ ଅନୁରୋଧ ।

ସୃଜନିକା କର୍ମୀଦଳ

Digitized by srujanika@gmail.com

ପ୍ରକୃତି ଶୋଭାରେ ନିହିତ ଆମର
ଜୀବନର ହସଖୁସି,
ତା'ର ସଂରକ୍ଷଣ ପବିତ୍ର କର୍ତ୍ତବ୍ୟ
ନ ଲାଗୁ ସେଥିରେ ମସି ।

Digitized by srujanika@gmail.com

ସବୁଜ ପ୍ରକୃତି ଅଟେ ମା' ପରି
ରଖ ତା'ରେ ସୁଶୋଭିତ,
ଥରେ ହରାଇଲେ ପାଇବନି ତା'ର
ଶ୍ୟାମଳ ଛାଇ ପଣତ ।

Digitized by srujanika@gmail.com

ଯାତାୟତ ପାଇଁ ସାଇକେଲଟିଏ
ଆଦରି ଥିଲେଟି ଜାଣ,
ଖରଚ କମାଏ, ଦୂଷଣ ଦୂରାଏ,
ସୁସ୍ଥ ରଖେ ମନ ପ୍ରାଣ ।

Digitized by srujanika@gmail.com

ଗଛ କାଟିନେଲେ ମିଳିଯାଏ ସିନା
କିଛି ଦିନର ଜାଳେଣି,
ଗଛର ବିନାଶ ଡାକି ଆଣେ କିନ୍ତୁ
ଜୀବନ ସାରା ଭାଳେଣି ।

Digitized by srujanika@gmail.com



କୁଳୁ କୁଳୁ କରି
କହେ ନଦୀଜଳ,
"ହେ ମାନବ
ମୋତେ ରଖ ତୁ ନିର୍ମଳ!"

Digitized by srujanika@gmail.com

ପ୍ରଦୂଷିତ ଧୂଆଁ ସହରରେ ଛାଇଛି
ନଦୀରେ ତ ନାହିଁ ପାଣି
ଅଛି କି ଆମର ଲୋତକ ଯଥେଷ୍ଟ
ଧୋଇବାକୁ ଏହି ଗ୍ଲାନି ।

Digitized by srujanika@gmail.com

ପ୍ରଦୂଷଣ ଅଟେ ଘାତକ,
ଜଙ୍ଗଲ ଆମର ରକ୍ଷକ,
ବାଦଲ ଆମର ଜୀବନ,
ସବୁଜିମା ସୁଖ ସପନ ।

Digitized by srujanika@gmail.com

ଜଙ୍ଗଲ ପୋଷଣ ପାଇଁ
ଦିଅ ଏବେ ଧ୍ୟାନ,
ପରିବେଶ ଲାଗି ଏହା
ଅତୀବ ମହାନ ।

Digitized by srujanika@gmail.com



Digitized by srujanika@gmail.com

ପକ୍ଷୀ ଉଡୁଥାଏ ନୀଳ ଆକାଶରେ,
ଜଳଜ ଜୀବନ ବଢ଼େ ନୀଳ ନୀରେ,
ପ୍ରାଣୀ ବିଚରଇ ସବୁଜ ପ୍ରାନ୍ତରେ
ନୀଳ ସବୁଜର ପ୍ରକୃତି କୋଳରେ ।

• • • ପର ପୃଷ୍ଠାରେ

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ • • •

ଗାଇ ଗାଇ କହେ
ସେ ପ୍ରକୃତି ଧୀରେ
"ମୋ ପୋଷଣ ପରା
ତୁମରି ସ୍ନେହରେ" ।

Digitized by srujanika@gmail.com

ଅକାତରେ ଫଳ
ଦାନ କରେ ଗଛ,
ତ୍ୟାଗର ପ୍ରତୀକ ତା' ହୃଦୟ ସ୍ୱଚ୍ଛ ।
କାଠଗଢ଼ା ଦିଅଁ
ପିନ୍ଧେ ତା'ର ପାଟ,
ବିଭୁବିମାନରେ ଲାଗେ ତା'ର କାଠ ।

• • • ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ • • •

ଜୁଇ କାଠ ହୋଇ କରେ ଶବଦାହ,
ଗଛ ଦେହେ ମିଶି ଜଳେ ନରଦେହ ।
ଏପରି ସାଥୀକୁ ଚିହ୍ନ ହେ ମଣିଷ,
ବନ-ବନସ୍ପତି ନ କର ବିନାଶ ।

Digitized by srujanika@gmail.com

‘ଜୀବେ ଅନୁକମ୍ପା’ ହେଉ ମାନବର

ଜୀବନର ପରିଭାଷ

ସନ୍ତୁଳିତ ଏକ ପରିବେଶ ଅଟେ

ପ୍ରକୃତିର ଅଭିଳାଷ ।

Digitized by srujanika@gmail.com

ଏ ଜୀବ ଜଗତେ ସଭିଙ୍କର ଅଛି
ବଞ୍ଚିବାର ଅଧିକାର,
ତେଣୁ ହେ ମାନବ ହୁଅନାହିଁ ତୁମେ
ସଂହାରର ହତିଆର ।

Digitized by srujanika@gmail.com

ପୃଥିବୀ ମାଟିରେ ଐଶ୍ୱର୍ଯ୍ୟ ବିଭବେ
ଖେଳେ ଚିର ସବୁଜିମା,
ସାଗର ଢେଉର ତାଳେ ଆକାଶରେ
ଦୋଳେ ନୀଳ ସାମିଆନା ।
ବନ ବନାନୀର ପୋଷଣରେ ବଢ଼େ
ବିଚିତ୍ର ଜୀବ ଜଗତ,
ଶୀତଳ ଜଳରେ ଆନନ୍ଦେ ଖେଳନ୍ତି
ଜଳଜନ୍ତୁ ଓ ଉଦ୍ଭିଦ ।

• • • ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ . . .

ପ୍ରକୃତି ବାଢ଼ିଛି ମଣିଷ ପାଇଁକି
ସୁନ୍ଦର ଏ ଉପହାର,
ହେଲେ ସେ ମଣିଷ ଲୋଭେ
ପାଲଟିଛି ସର୍ବଗ୍ରାସୀ ସ୍ୱାର୍ଥପର ।

Digitized by srujanika@gmail.com



Digitized by srujanika@gmail.com

ଡାକବାଜି ଯନ୍ତ୍ରଟିର ଅପବ୍ୟବହାର,
ଶବ୍ଦ ପ୍ରଦୂଷଣର ତା ହୁଅଇ ଆଧାର ।
ନୀରବତା ମନେ ଆଣି ଭରିଦିଏ ଶାନ୍ତି,
ଅଯଥା ଶବଦ ସୃଷ୍ଟି କରଇ ବିଭ୍ରାନ୍ତି ।

Digitized by srujanika@gmail.com

କଳ କାରଖାନା,
ଯାନବାହାନର
ପ୍ରଦୂଷିତ ଧୂମରାଶି,
କେତେ ଯେ ରୋଗର ଆତଙ୍କ
ଖେଳାଏ ପାଲଟେ ଧ୍ୱଂସର ମସି ।

Digitized by srujanika@gmail.com

ନିର୍ମଳ ବାଆ ପାଣି ଆମେ

ଆଜି ସଞ୍ଚିଲେ,

ସୁସ୍ଥ ସବଳ ହେବେ କାଲି

ଆମରି ପିଲେ ।

Digitized by srujanika@gmail.com

'ଉତ୍ତାପ ବଢ଼ିଛି' ପୃଥିବୀ ପୃଷ୍ଠରେ
ଚହଲ ପଡ଼ିଛି ଆଜି,
ପେଟ୍ରୋଲ ଡିଜେଲ
ଜାଳ ନାହିଁ ଆଉ,
କାଟ ନାହିଁ ବୃକ୍ଷରାଜି ।

Digitized by srujanika@gmail.com

ବିଡ଼ି ସିଗାରେଟ
ନୁହେଁ ଜାଣିଥାଅ
ଖାଲି ସାଧାରଣ ନିଶା,
ଟାଣେ ତ ପଇସା,
ଦେହକୁ ବି କରେ
କର୍କଟ ରୋଗର ବସା ।

Digitized by srujanika@gmail.com

ଜଙ୍ଗଲ କାଟି ସଫାକରି ଆମେ
ସହର ଗଢୁଛେ ନିତି,
ଦାୟାଦଙ୍କ ପାଇଁ ରଖିଯିବା କ'ଣ
ମରୁ ପ୍ରାନ୍ତରର ଭୀତି ।

Digitized by srujanika@gmail.com



Digitized by srujanika@gmail.com

ବହି କାଗଜର ଅପଚୟ କେବେ
କର ନାହିଁ ତୁମେ ବନ୍ଧୁ,
ଜଙ୍ଗଲ ରକ୍ଷାର ବାଟ ଏକ ତାହା
କହେ ସୁଶିକ୍ଷାର ସିନ୍ଧୁ ।

Digitized by srujanika@gmail.com

ଅଯଥା ଆଲୋକ ଚକ୍ଷୁପୀଡ଼ା ଦିଏ

ବିନାଶେ ଅମୂଲ୍ୟ ଅଙ୍ଗ ।

ବିଜୁଳି ଶକ୍ତିର ଅପଚୟ ସହ

ମାରଇ କୀଟପତଙ୍ଗ ।

Digitized by srujanika@gmail.com

"ଘୋର ବନେ ଏକାକିନୀ ବୁଲୁଥିଲା ମୃଗୁଣୀ· · ·"
ଆଇଙ୍କଠୁ ଏହିପରି ଶୁଣିଥିଲେ କାହାଣୀ ।
ଆମ ନାତି ନାତୁଣୀଙ୍କୁ କି ବା ଗପ କହିବା,
ନାହିଁ ଆଉ ଘୋର ବନ; ମୃଗ, ସିଂହ କାହିଁବା ?
କେତେ ବନ୍ୟଜନ୍ତୁ ଏବେ ହୋଇଲେଣି ବିଲୁପ୍ତ,
ବାଘ, ସିଂହ, କଇଁଛ ବି ହେବେ ଦିନେ ସମାପ୍ତ ।

• • • ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ • • •

ଆମ ଲୋଭ ପାଇଁ ଯଦି
ଜୀବ ହେବେ ନିଃଶେଷ,
ଇତିହାସ କ୍ଷମିବନି ମନେରଖ ମଣିଷ ।
ହିଂସା ଲୋଭ ଛଡ଼ା କ'ଣ
ନାହିଁ କିଛି ବିକଳ୍ପ ?
ବନ୍ୟଜନ୍ତୁ ସଂରକ୍ଷଣେ କର ଆଜି ସଙ୍କଳ୍ପ ।

Digitized by srujanika@gmail.com

କାଠ ବାଉଁଶର ଆସବାବ ପତ୍ର,
ଘର ସରଞ୍ଜାମ, ଜାଳେଣି ଓ ବସ୍ତ୍ର,
ଏ ସବୁ ପାଇଁ ତ ବୃକ୍ଷ ପ୍ରୟୋଜନ,
ଲୋପ ଯେ ପାଇଲା ବନ ଉପବନ ।
ଧୀରେ ଧୀରେ ଗଛ ସରିଲାଣି ଆଜି,
କାନ୍ଦୁଛି ଧରଣୀ ବିଧବା ଯେ ସାଜି ।

• • • ପର ପୃଷ୍ଠାରେ ⟹

Digitized by srujanika@gmail.com

ପୂର୍ବ ପୃଷ୍ଠାରୁ . . .

ଶପଥ ନିଅ ହେ ଅନୁତାପ ନୀରେ,
କାଠ ଉପଯୋଗ କମାଇବା ଧୀରେ,
ଲୋକସଂଖ୍ୟା ସହ ତାଳ ଦେଇ ଆମେ,
ଲଗାଇବା ଗଛ ପ୍ରତି ଲୋକ ନାମେ ।

Digitized by srujanika@gmail.com

ସବୁଜ ଗଛଲତା
ବିନାଶୁଛେ ଆମେ,
ପ୍ଲାଷ୍ଟିକ ଗଛ ଫୁଲ
କିଣୁ ଚଢ଼ା ଦାମେ ।
ବୁଝିତ ହୁଏନି କି ଯେ ମଣିଷ ଚରିତ୍ର,
ଅସଲି ବଦଳେ ଭରେ ନକଲି ସର୍ବତ୍ର ।

• • • ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ • • •

ପ୍ରଯୁକ୍ତିବିଦ୍ୟା କେବେ
ପାରିବ କି ଗଢ଼ି,
ସୁଗନ୍ଧ ସୁବାସ ଭରା
ଗୋଲାପର କଢ଼ି ?

Digitized by srujanika@gmail.com

ଫଳଟିଏ ଖାଇବା ଯେ
କେତେ ମଜା ଭଲା,
ଭାବିଛ କି ଗଛଟିକୁ
କିଏ ପୋତିଥିଲା ?

. . . ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ • • •

ଅନ୍ୟ କେହି ପୋତିଥିବା
ଗଛଟିର ଫଳ,
ଖାଇସାରି ଗଛଟିଏ
ଲଗାଅ ଚଞ୍ଚଳ ।

Digitized by srujanika@gmail.com

ନିରାମିଷ ଖାଦ୍ୟ ଦିଏ
ସୁଦୀର୍ଘ ଆୟୁଷ,
ହିଂସା, ଦ୍ୱେଷ, କ୍ରୋଧ ମୁକ୍ତ
ପବିତ୍ର ମଣିଷ ।

Digitized by srujanika@gmail.com

ଆଖପାଖ ଆବର୍ଜନା
ସପ୍ତାହକୁ ଦିନେ,
ସଫାକରି ପରିବେଶ
ସୁସ୍ଥ ରଖ ଜନେ ।

Digitized by srujanika@gmail.com

ଟିଭି, ରେଡ଼ିଓ ଆଦିର ଶବ୍ଦ

କର ନିୟନ୍ତ୍ରଣ,

ଚଳ ପ୍ରତିବେଶୀ ସହ ଭଲ

ସମ୍ପର୍କ ରଖିଣ ।

• • • ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ • • •

ଶ୍ରୁତିକଟୁ ହୋଇଥାଏ
ମାତ୍ରାଧିକ ଶବ୍ଦ,
ରୋଗୀ, ବୃଦ୍ଧ, ପରୀକ୍ଷାର୍ଥୀଙ୍କ
କଥାଟିକେ ଭାବ !

Digitized by srujanika@gmail.com

ସପ୍ତାହକୁ ଥରେ ଯାନବାହନଙ୍କୁ
ବିଶ୍ରାମ ଦିଅ ମଣିଷ,
ବାୟୁ ପ୍ରଦୂଷଣ କମାଅ ଓ ରଖ
ପରିଶ୍ରମର ଅଭ୍ୟାସ ।

Digitized by srujanika@gmail.com

ଘରେ ଘରେ ଗାଡ଼ି ଚାଲେ

ଜୀବାଶ୍ମ ଇନ୍ଧନେ

ପ୍ରଦୂଷଣ, ଦୁର୍ଘଟଣା

ନହେବ କେମନେ ?

Digitized by srujanika@gmail.com

ଗାଁ ପରିମଳ ପାଇଁ
ଦିଅ ଏବେ ଧ୍ୟାନ,
ଶୌଚାଳୟ ବସାଇବା
ଆଜିର ଆହ୍ୱାନ ।

Digitized by srujanika@gmail.com

ଗଛଲତାର ଔଷଧ
ପ୍ରତି ରଖ ଧ୍ୟାନ,
ରତ୍ନ ମଣି ସେ ବଇଦେ
ଦିଅ ହେ ସମ୍ମାନ ।

Digitized by srujanika@gmail.com

କଳକାରଖାନା ଦୁଷିତ ବର୍ଜ୍ୟକୁ
ମିଶାଅନି ନଦୀ ଜଳେ,
ଜଳ ପ୍ରଦୁଷଣ ଦୁର କରିହେବ
ବିଜ୍ଞାନର କଉଶଳେ ।

Digitized by srujanika@gmail.com

ଗଛଟିଏ ସିନା ପୋତିଥିଲେ ଆଜି
କାଟିବ ଚାହିଁଲେ କାଲି,
କିଛି ନ ଲଗାଇ କାଟି ଚାଲିଥିଲେ
କାନ୍ଦିବାକୁ ହେବ ଖାଲି ।

Digitized by srujanika@gmail.com

ପ୍ରକୃତିକୁ ଭଲପାଅ
ଢାଳି ସ୍ନେହ ମମତା,
ମା' ହୃଦେ ପିଲା ପାଇଁ
ଭରେ ଯେଉଁ ବିଧାତା ।

• • • ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ . . .

ଗଛଲତା ପଶୁପକ୍ଷୀ
ଆମ ପ୍ରୀତି ବନ୍ଧନେ,
ଧରାକୁ ସରଗ କରି
ରଖିଥା'ନ୍ତି ଯତନେ ।

Digitized by srujanika@gmail.com



Digitized by srujanika@gmail.com



Digitized by srujanika@gmail.com

‘ଗ୍ରୀନ୍ ହାଉସ୍’ ପ୍ରଭାବରେ

ଧରା ଆଜି ଗରମ,

ବାଷ୍ପଛଣା ଜଙ୍ଗଲର

ପ୍ରୟୋଜନ ଚରମ ।

Digitized by srujanika@gmail.com

ବାଣ ଫୁଟାଇଲେ
ତାହାର ଧୂଆଁରେ
ଦୂଷିତ ହୁଅଇ ବାୟୁ,
ସେ ବାୟୁ ସେବନେ କମି କମି
ଯାଏ ପ୍ରାଣୀ ଉଦ୍ଭିଦଙ୍କ ଆୟୁ ।

Digitized by srujanika@gmail.com

ପାଦଚଲା ବାଟ ପାଇଁ
ଲୋଡ଼ା କିମ୍ବା ବାହନ ?
ଦେହକୁ ସକ୍ଷମ ରଖ
ଆହେ ସୁଧୀ ସୁଜନ ।
ପାଦେ ଚାଲି କିଛି ବାଟ ଯାଇପାର ଯଦି,
ଯାନବାହନ ଅଭ୍ୟାସ ତେଜ ନିତି ନିତି ।

• • • ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ • • •

ପାଦଚଲା ଶରୀରକୁ
କରେ ଯେ ବଳିଷ୍ଠ,
ମନେ ଭରେ ଶାନ୍ତି
ସ୍ଫୁର୍ତ୍ତି ରଖଇ କର୍ମଠ ।

Digitized by srujanika@gmail.com

ଓଜୋନ୍ ବାଷ୍ପର ବହଳ ବଳୟ
ଘେରିଥିଲା ଦିନେ ଧରାକୁ,
ଅତି ବାଇଗଣୀ ରଶ୍ମିର ଦାଉରୁ
ବଞ୍ଚାଉଥିଲା ତା ଜୀବଙ୍କୁ ।

• • • ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ • • •

ସିଏଫସି ଭଳି ବାଷ୍ପ ଯେ କିଛି, ଓଜୋନ୍
ଛତାକୁ ପତଳା କରିଛି,,

ଶୀତଳକ ଯନ୍ତ୍ରେ ଏହି ବାଷ୍ପ ଥାଇ ଆରାମ
ଦିଅଇ, ଓଜୋନ୍ ହରଇ ।

ଜଗିରଖି ତା'ରେ କର ବ୍ୟବହାର, ତେବେ
ବା ତିଷ୍ଠିବ ଜୀବ ଜଗତର,

ନଚେତ ବିଲୀନ ହେବ ଏ ସଂସାର, ଫଳ
ହେବ ତାହା ଆପଣା କର୍ମର ।

Digitized by srujanika@gmail.com

ପ୍ରଦୂଷଣ ବିରୁଦ୍ଧରେ ଆସ ଆମେ ଲଢ଼ିବା,
ସ୍ନେହ ମମତାର ବଳେ ସବୁଜିମା ଭରିବା ।
ଅନ୍ୟ ଗ୍ରହେ ଏଠା ପରି
ଜଳ, ବାୟୁ ନାହିଁତ,
ନାହିଁ ବି ଜୀବନ ସତ୍ତା, ଜୀବଜନ୍ତୁ ଜଗତ ।

• • • ପର ପୃଷ୍ଠାରେ ⇒

Digitized by srujanika@gmail.com

⇒ ପୂର୍ବ ପୃଷ୍ଠାରୁ • • •

କେଡ଼େ ସୌଭାଗ୍ୟରେ ଆମେ
ପାଇଛେ ଏ ଗ୍ରହକୁ,
ମା' ପରି ଶ୍ରଦ୍ଧାକର ଏଇ ମାଟି ମୁଠାକୁ ।
ଏ ଗ୍ରହର ଶ୍ରେଷ୍ଠ ଜୀବ ମାନବ ଓ ମାନବୀ,
ପାରିବା କି ଗଢ଼ି ଆମେ ଆଉ ଏକ ପୃଥିବୀ ?

Digitized by srujanika@gmail.com

ପଥର ଓ ଗଛ କାଟି ପାହାଡ଼ର ଦେହୁ,
ଶ୍ରୀହୀନ କଲଣି ଦେଖ ମାଟି କାନ୍ଦେ ଲହୁ ।
ବରଷା ହେବ କେମନ୍ତେ ଭାବି ଦେଖ ଥରେ,
ନଦୀ, ନାଳ କିପରି ବା ଭରିବ ଯେ ନୀରେ ?

Digitized by srujanika@gmail.com

ନଦୀ, ନାଳ, ପୋଖରୀରେ ପଶୁଙ୍କର ଶବ,
ପକାଅନି ଶୁଣ ଭାଇ ଜଳ ଯେ ଦୁର୍ଲଭ ।
ଗଳିତ ଶବ କରେ ଘୋର ଜଳ ପ୍ରଦୂଷଣ,
ନିର୍ମଳ ଜଳ ପରା ଆମ ଅତି ପ୍ରୟୋଜନ ।

Digitized by srujanika@gmail.com

ପଶୁ ଚମ, ଶିଙ୍ଗ ଆଉ
ଦାନ୍ତର ଦରବ
ଜୀବଙ୍କ ଦେହୁ ଜାତ ।
ଏସବୁ କିଣିଲେ ଜୀବ ହତ ହେବେ,
ବର୍ଜନ ହେବା ଉଚିତ ।

Digitized by srujanika@gmail.com

ସୃଜନିକାର କିଛି ପ୍ରକାଶନ

କାଗଜକୁ ନେଇ କିଛି କାମ

୧· କାଗଜ ଭଙ୍ଗାର ମଜା, ୨· କାଗଜରୁ ଆକୃତି, ୩· କାଗଜ ଭଙ୍ଗାରୁ ଜ୍ୟାମିତି, ୪· କାଗଜର ଖେଳ

ହାତକାମରେ ବିଜ୍ଞାନର ମଜା ପାଇଁ

୫· ବିଜ୍ଞାନ ପରଖ, ୬· ପ୍ରକୃତି ପରଖ, ୭· ହାତ ତିଆରି ଖେଳନା ୮· ଖେଳି ଖେଳି ଶିଖିବା

ସୃଜନଶୀଳତାର ବିକାଶରେ ସହାୟକ

୯· ପତ୍ରରୁ ଚିତ୍ର, ୧୦·ଚିତ୍ରପାହାଚରେ ଚିଡ଼ିଆଖାନା, ୧୧· ସହଜରେ ଆଙ୍କିବା ଗଛଲତା

ଏବଂ ଆହୁରି ଅନେକ

ବିଜ୍ଞାନ ତରଙ୍ଗ

ବିଜ୍ଞାନର ଚିନ୍ତନ, ଧାରା ଓ ଅନୁବୂତି ଉପରେ ଗୁରୁତ୍ୱ ଦେଉଥିବା ଏହି ପତ୍ରିକା ସ୍କୁଲ/କଲେଜ ପିଲା ତଥା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପାଇଁ େକ ସାଧନ ସାମଗ୍ରୀ । ଶିକ୍ଷା, ବିଜ୍ଞାନ ଓ ବିକାଶ ବିଷୟରେ ଏକ ବିଶେଷ ପଠନ ସାମଗ୍ରୀ ଭାବରେ ମଧ୍ୟ ଏହା ସମସ୍ତଙ୍କ ପାଇଁ ଉପଯୋଗୀ ।

ବର୍ଷକୁ ଛଅଖଣ୍ଡ ପତ୍ରିକା ଓ ତିନିଖଣ୍ଡ ବହି ପାଇଁ ମୋଟ ଦେୟ

ସାଧାରଣ ଗ୍ରାହକ *ଟ୭୫·୦୦* **ସହଯୋଗୀ/ଅନୁଷ୍ଠାନ** *ଟ୧୦୦·୦୦*

ଆଜୀବନ ସହଯୋଗୀ ଟ୧୦୦୦.୦୦

Digitized by srujanika@gmail.com

ପଦେ ଛନ୍ଦେ ପରିବେଶ

ପରିବେଶ ବିଷୟରେ ଆଜି ଅନେକ ପ୍ରକାରର ଚିନ୍ତା ଓ ଆଶଙ୍କା ଆସୁଛି । କିଏ ଚାହୁଁଛି ତା'ଠାରୁ ଅଧିକରୁ ଅଧିକ ସମ୍ବଳ ଲୁଟିନେବ, ସବୁ ଅଳିଆ ଆବର୍ଜନା ତା'ର କୋଳରେ ଢାଳିଦେବ । ଆଜିର ଲାଭର ସ୍ୱପ୍ନରେ ସେ ବୁଡ଼ିଛି । ଆଉ କିଏ ଦରଦୀ ମଣିଷ ଦେଖୁଛି ପ୍ରକୃତିର ଦୁଃଖ । ତା'ର ଡର ଆସୁଛି ଯେ ସେ ରୋଗଣା ପ୍ରକୃତି ନିଜକୁ ନିଜେ ଆଉ ସୁଧାରି ପାରିବ ନାହିଁ । ଏ ଅବସ୍ଥାରେ ସେ ପ୍ରକୃତିର ଦରକାର ଆଦର ଯତ୍ନ । ପ୍ରକୃତିର ସୁରକ୍ଷା ପାଇଁ ସେ ଦରଦୀ ମନର ଡାକକୁ ଗୀତିକା ରୂପରେ ସଜାଇ ଏହି ବହିଟି ରୂପ ନେଇଛି ।

ଡକ୍‌ଟର ଶ୍ରୀମତୀ ମାନସୀ ଗୋସ୍ୱାମୀ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଭୁବନେଶ୍ୱର)ରେ ଜଣେ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଭାବେ କାମ କରନ୍ତି । ଜନପ୍ରିୟ ବିଜ୍ଞାନ ଲେଖା, ଏବଂ ବିଜ୍ଞାନ ପ୍ରକଳ୍ପ ସୃଷ୍ଟି କରିବାରେ ତାଙ୍କର ବିଶେଷ ରୁଚି ରହିଛି ।

ମୂଲ୍ୟ: ଟ୧୫.୦୦

ସୃଜନିକା ୨୦୦୪

Digitized by srujanika@gmail.com